ନେଲି । ରହ, ଥୟ ଧର – ଚାରି ଦିନରେ ଫେରେ ଶୁଣିବୁ – କୋଉଠି ଯାଇ ଘର ଦୁଆର ବାରି ବଗିଚା କରି ତା'ମିତି ସେ ରହିଲାଣି । ଥୟ ଧର, ଏମତି କାଇଁକି ହଉଚୁ ?"

ଛକଡ଼ି ଥୟ ଧରି ରହିଲା । – ଦିନେ, ଦି'ଦିନ, ତିନି ଦିନ । କାହିଁ ? କିଛି ତ ଖବର ଅନ୍ତର ନାହିଁ । ଜଗା ସେଠି କହିଲା, ବରଜୁ ହରିପୁର ଗୌରାଙ୍ଗ ଶେଣ ଘରକୁ ଯାଇଛି । ଏତେ ଦିନ କ'ଣ ତା'ରି ଘରେ ଅଛି ? ନା, ତା' ଘରୁଟାରେ ଆଉ ଏତେ ଦିନ ରହନ୍ତା ? ଦିନେ, ଦି'ଦିନ, ତିନି ଦିନ – ଦିନକୁ ଦିନ ଘରଟା ବେଶି ମାଡ଼ି ମାଡ଼ି ପଡୁଛି । ଘରେ ବାହାରେ କୁଆଡ଼େ ଛକଡ଼ିର ମନ ଲାଗୁନାହିଁ – ଯା ହୋ, ମାହାଳିଆଟାରେ ଭାଇଟା ଏମତି ଭୂତ ଲାଗିଲାପରି ପଳେଇଲା କାହିଁକି ଭଲା ? ଭିନ୍ନେ ନ ହେବା କଥା ଛକଡ଼ିକୁ କହିଥିଲେ, ସେ କ'ଣ ମଙ୍ଗି ନ ଥାଆନ୍ତା ? ଛକଡ଼ିର ନିଜ ଦୋଷ ମନେ ପଡ଼ିଲା ନାହିଁ ।

ଦିନ ଦି'ପହର ହେଲାଣି । ଭାରି ଖରା । ଛକଡ଼ି ଖାଇ ସାରି ଆଜି ଭାଇର ଶୋଇଲା ଘର କଞ୍ଚି ନେଲା । ଦିହଟା କାହିଁକି ତା'ର ଥରୁଛି । କେମତି ସେ ଘରଟାକୁ ଫିଟେଇବ । କ'ଣ ସେ ଘରେ ଅଛି କେଜାଣି – ଛକଡ଼ିକୁ ଦିନ ଦି'ପହରେ ଡର ମାଡ଼ିଲା ।

ବାରିପଟ ଆମ୍ବଗଛରେ ଗୋଟାଏ କପୋତୀ ବସି ଡାକ ଛାଡ଼ିଛି, "ଚାଉଳ ମାଣ ପୂରିଲା – ଉଠୁରେ ପୁତା – ଉଠ୍ ଉଠ୍ ଉଠ୍ !" ଡାମରା କାଉଟା ପିଢ଼ା ଉପରେ ବସି ଘଡ଼ିକେ ପହରକେ ଡକାପାରିଛି – "କା–କା ।" ଛକଡ଼ିର ମନଟା ଉଦାସ ହୋଇଗଲା । ଭାଇ, ବାପ, ମା' – ସମସ୍ତଙ୍କ କଥା ମନେ ପଡ଼ିଲା । ସମସ୍ତେ ଥିଲାବେଳେ ଏ ଘର କ'ଣ ହୋଇଥିଲା – ଆଜି କ'ଣ ହୋଇଛି ! କାହାର ସମ୍ପତ୍ତି, କାହାର ବାରିଘର; ଛକଡ଼ି କିଛି ବୁଝି ପାରିଲା ନାହିଁ । ସବୁ ଅନ୍ଧାରିଆ ଦିଶିଲା । ମନଟା ତା'ର ପିତା ପଡ଼ିଗଲା ।

ଛକଡ଼ି ଘରଟାକୁ ଫିଟାଇ ଦେଖିଲା, ସବୁ ଜିନିଷ ଯେମତି ସେମତି ! ପେଟରାଟା ହେଲେ ଭଙ୍ଗା ହୋଇ ତଳେ ପଡ଼ିଥାଆନ୍ତା । ହେଁସ ଖଣ୍ଡ ଉଇ କାଟି ଦେଇ କିଛି ରଖି ନ ଥାଆନ୍ତା । ଓଳିଆପତର, ଘଡ଼ିକୁଞ୍ଚା, କିଛି ନ ଥାଇ ଘରଟା ଖାଲି ପଡ଼ିଥାଆନ୍ତା ହେଲେ ! ତେବେ ଅବା ଛକଡ଼ିକି ଟିକିଏ ଭଲ ଲାଗନ୍ତା । ଖଣ୍ଡେ ଜିନିଷ ହେଲେ ତ କାହିଁ ସେ ସାଥିରେ ନେଲା ନାହିଁ, ସେମତି ସବୁ ଥୁଆ ହୋଇଛି – ଘଡ଼ି, କୁଞ୍ଚା, ହେଁସ, ବିଛଣା । ଛକଡ଼ି ଚାରିଆଡ଼ ଦରାଣ୍ଡୁଛି – ଯେମତି କି କ'ଣ ହଜେଇ ପକେଇଛି, ଏଇ ଭାଡ଼ିତଳୁ ଓଳିଆ ସନ୍ଧିରୁ ପାଇବ ! ତା' ଆଖି ପଡ଼ିଗଲା ଗୋଟାଏ ଜିନିଷ ଉପରେ – ସେଇ ରବର ହଂସ – ଚିପିଦେଲେ କୁଁ କୁଁ ବୋବାଏ । ଛକଡ଼ି ସେଇ କୁଣ୍ଢେଇଟାକୁ ଆଣି ତା' ଛାତିରେ ଚିପି ଧରିଲା, ଆଉ ତା' ଆଖିରୁ ଝର ଝର ହୋଇ ଲୁହ ଝରି ପଡ଼ିଲା ! ଛକଡ଼ି, ଛକଡ଼ି ! ବଉଁଶଟାଯାକ ତ ସମ୍ପତ୍ତି ଖାଇ ଯାଉଥିଲେ, ଏବେ ଏ ସମ୍ପତ୍ତି କିଏ ଖାଇବ । ଛକଡ଼ି ସେ କୁଣ୍ଢେଇଟିକି ହାତରେ ଧରି ଆଉ ଥରେ ଚାହିଁଲା । ତାକୁ ଦିଶିଲା, ଚାରିଟି ପିଲାଙ୍କ ଆଠଟି ଛୋଟ ଛୋଟ ହାତ ଆଜି ଯେମତି ଲମ୍ବ ହୋଇ ଆସୁଛି ଏହି କୁଣ୍ଢେଇଟିକି ଧରିବାକୁ – ଲୁହରେ ସେ ଅନ୍ଧ ହୋଇଗଲା ।

ଛକଡ଼ି ନେତ୍ରମଣିକି ଚାହିଁଲା ନାହିଁ, ହସି କରି ପଦେ କହିଲା ନାହିଁ – ଯୋଉଠି ବସିଛି, ସେଠି ଗଳ ଗଳ ହୋଇ ଲୁହ ଗଳି ପଡୁଛି । ନେତ୍ରମଣି ତାକୁ ଦେଖି ମନେ ମନେ ହସୁଛି – "ମାଇଚିଆଟା – ଭାଇସୁଆଗୀ ହଉଚି – ଦିନେ କି ଦି'ଦିନ ଏମତି ହବ – ସେଇଥିରୁ ବଳେ ଯୋଉ କଥାକୁ ସେଇ କଥା ହବ ନି !"

ଛକଡ଼ି ଦୋକାନଘରକୁ ସଞ୍ଜବେଳେ ଗଲା ନାହିଁ । କୁଜିକାଜି ହୋଇ ଦାଣ୍ଡପିଣ୍ଡାଟିରେ ବସିଛି । ସାଧୁଆ ମା' ବୁଢ଼ୀ ହାତରେ ଡାଙ୍ଗ ଦି'ଖଣ୍ଡ ଧରି ଚିରା ଲୁଗାଟିକୁ ଦିହଯାକ ଓଟାରି ଓଟାରି ଚାଲିଛି । ଭାରି ପୁରୁଣା ବୁଢ଼ୀ – କେଉଁ କାଳର – ଏଣିକି ଆଉ ଭଲ ହୋଇ ବାଟ ଦିଶୁନାହିଁ । ସାଧୁଆ ମା' ବୁଢ଼ୀ ଆପେ ଆପେ କହି ଚାଲିଚି, "ଆହା ଏଇୟା କଲ, ଏଇୟା କଲ ଶେଷକୁ – ଏଇତା ତମ ମନରେ ଥିଲା – ଏ ଦାଣ୍ଡ ତ କେଡ଼େ ଅସୁନ୍ଦର ଦିଶିଲା ଲୋ ! କାହାର କ'ଣ ସେ କରୁଥିଲା ? ମୁଣ୍ଡକୁ ତଳକୁ କରି ବାଟ ଚାଲୁଥିବ ଯେ, ମାଛିକୁ ମର ବୋଲି କହିବ ନାଇଁ, ହଲିଲା ପାଣିକୁ ଗୋଡ଼ ଦବ ନାଇଁ – ଆଉ ଗୋଟାଏ ପୁଅ ଅଛି, ଆଉ ଗୋଟାଏ ପୁଅ ଅଛି ଏ ଗାଁରେ ! ପଧାନବୁଢ଼ୀ ଥିଲେ ଏଇ କଥା ହୁଅନ୍ତା – ଶାଶୁଖିଆ ବିନେ ତ 'ନରଜୁଆ' ବୋଲି ଦିନେ ମୁହଁରେ ଧରି ନାଇଁ।" ବୁଢ଼ୀର ଶଶୁର ନାଁ ବରଜୁ – ସେଥିପାଇଁ ସେ ବି ବରଜୁର ନାଁ ଧରିଲା ନାହିଁ । ତା' ଆଖିରୁ ଲୁହ ଶୁଖିଯାଇଚି । ଆଖିପତା ଟିକିଏ ଓଦା ହୋଇଯାଇଚି – ସେ ତାକୁ କୋତରା କାନିଟିରେ ପୋଛିପାଛି ଦେଉଛି ।

ଛକଡ଼ି ଯାହା ଦାଣ୍ଡପିଣ୍ଡାରେ ବସିଥିଲା, ଘର ଭିତରକୁ ଦଉଡ଼ି ଯାଇ 'ଭାଇ', 'ଭାଇ', 'ଭାଇ' ବୋଲି ଡାକିଲା । ଏ କ'ଣ ! ସେ ପାଗଳ ହୋଇଯିବ କି ! ରାତିରେ ଭାତଥାଳି ପାଖରେ ଛକଡ଼ି ବସିଚି; ଲୁହ ବୋହି ଭାତଗୁଡ଼ାକ ଓଦା ହୋଇଗଲାଣି । ଘର ଭିତରେ ଶୋଇଚି, ରାତି ଅଧରେ ବିଳିବିଳଉଚି – "ଭାଇ, ଭାଇ !"

ନେତ୍ରମଣି କେତେକଥା କହୁଚି, କେତେ କଥା ପଚାରୁଚି ! ହଁ, ହାଁ କରି କ'ଣ ଜବାବ ଦେଉଚି – ମନ ତା'ର ଠିକ୍ ନାହିଁ ।

ତହିଁ ଆରଦିନ ସକାଳୁ ନେତ୍ରମଣି ଦେଖିଲା, ଛକଡ଼ି ଘରେ ନାହିଁ; ଦି'ପହର ହେଲା, ସଞ୍ଜ ହେଲା – କାହିଁ କୁଆଡ଼େ ଗଲା ? କେତେ ଆଡ଼େ ମଣିଷ ଖୋଜିଲେ, କେଉଁଠି ତ ମିଳିଲା ନାହିଁ ।

ଛକଡ଼ି ସକାଳୁ ଉଠି କୁଆଡ଼େ ଯାଇ ନାହିଁ – ଯାଇ ବସିଛି ହରିପୁର ଗୌରାଙ୍ଗ ଶେଣ ଦୁଆର ମୁହଁରେ । ଦାଦିକି ଦେଖି ପକେଇ ଦାମ ଘର ଭିତରକୁ ଦଉଡ଼ିଯାଇ ଡାକ ପକେଇଲା, "ବୋଉ ଲୋ, ଦାଦି ଆସିଚି !"

ବରଜୁ ଆସି ଦେଖିଲା, ଛକଡ଼ି ତୁନିଟି ହୋଇ ଦାଣ୍ଡ ପିଣ୍ଡାରେ ବସିଛି ।

"କି ରେ, ଏଠି କାଇଁକି ବସିଛୁ, ଆ ଭିତରକୁ ଆ," କହି ବରଜୁ ଛକଡ଼ିକୁ ଘର ଭିତରକୁ ଡାକିନେଲା ।

ଘର ଭିତରକୁ ଯାଇ ବରଜୁ ପଚାରିଲା, "କି ରେ, ତୁ କୁଆଡ଼େ ଆସିଗଲୁ ?"

ଛକଡ଼ି ଧୀରେ ଧୀରେ କହିଲା, "ମୁଁ ଯିବି ।"

ବରଜୁ ପଚାରିଲା, "ତୁ କୁଆଡ଼େ ଯିବୁ ରେ ?"

"ତମେ ଯୁଆଡ଼େ ଯିବ !"

ଠକ୍ ଠକ୍ ହୋଇ ଛକଡ଼ି ଆଖିରୁ ପାଣି ବହି ପଡ଼ିଲା –

ଛି, ଛି, ମାଇଚିଆ ଟୋକାଟା !